# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 15 May - 2026

***********************************

## ମୁଖ୍ୟ ସମ୍ବାଦ

- ଇନ୍ଧନ ବ୍ୟବହାର ହ୍ରାସ କରିବା ପାଇଁ ଆଭାସୀ ମାଧ୍ୟମରେ ମାମଲାର ଶୁଣାଣୀ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି
- ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ-ଡିଜେଲ ମହଜୁଦ ଥିବା କହିଲେ ଆଇଓସିଲ୍ ମୁଖ୍ୟ ପ୍ରବନ୍ଧକ
- ଆସନ୍ତା ୩୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ

ଏବଂ

- ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଦୁଇ ପ୍ରତିଶତ ବୃଦ୍ଧି କଲେ ରାଜ୍ୟ ସରକାର

## ସୁପ୍ରିମକୋର୍ଟ

ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ମଧ୍ୟରେ ଇନ୍ଧନ ବ୍ୟବହାର ହ୍ରାସ କରିବା ଆହ୍ୱାନ ଆଧାରରେ ସୁପ୍ରିମ୍‌କୋର୍ଟ ବିଭିନ୍ନ ମାମଲାର ଶୁଣାଣି ଆଭାସୀ ମାଧ୍ୟମରେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟ ମହାସଚିବ ଭାରତ ପରାସର ଏକ ଇସ୍ତାହାର ଜାରି କରିଛନ୍ତି। ଯାନବାହନ ଇନ୍ଧନର ସର୍ବୋଚ୍ଚ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ କାର୍ ପୁଲିଂ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲାଗି ବିଚାରପତିଗଣ ସଂକଳ୍ପ ନେଇଥିବା ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ କୁହାଯାଇଛି । ସୁପ୍ରିମ୍‌କୋର୍ଟର ପ୍ରତ୍ୟେକ ବିଭାଗର ୫୦ ପ୍ରତିଶତ କର୍ମଚାରୀ ସପ୍ତାହରେ ଦୁଇ ଦିନ ପର୍ଯ୍ୟନ୍ତ ଘରୁ କାମ କରିବାକୁ ଅନୁମତି ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇନ୍ଧନ ବ୍ୟବହାର ହ୍ରାସ ଏବଂ ଅନାବଶ୍ୟକ ଖର୍ଚ୍ଚ ଏଡ଼ାଇବା ପାଇଁ ଦେଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ପେଟ୍ରୋଲ ମହଜୁଦ

ରାଜ୍ୟରେ ପ୍ରାକୃତିକ ତୈଳ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରାଇବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି। ବୈଠକରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ-ଡିଜେଲ ମହଜୁଦ୍ ରହିଛି ବୋଲି ଆଇଓସିଏଲ୍‌ର ମୁଖ୍ୟ ପ୍ରବନ୍ଧକ କମଲ ସିଲ୍ କହିଛନ୍ତି। ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଶ୍ରୀ ସିଲ୍ କହିଛନ୍ତି, ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ତୈଳ ଆମଦାନୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୋଟିଏ ପେଟ୍ରୋଲ ପମ୍ପ ପାଖରେ ୨ ରୁ ୩ ଦିନ ପାଇଁ ତେଲ ମହଜୁଦ୍ ରହିଥାଏ। ଦେଶରେ ୨ ରୁ ୩ ଦିନ ମଧ୍ୟରେ ପେଟ୍ରୋଲ ବିକ୍ରି ୩୭ ପ୍ରତିଶତ ବୃଦ୍ଧି ପାଇଥିବା ଶ୍ରୀ ସିଲ୍ ସୂଚନା ଦେଇଛନ୍ତି। ଆବଶ୍ୟକତାଠାରୁ ଅଧିକ ତୈଳ କ୍ରୟ ନ କରିବାକୁ ଶ୍ରୀ ସିଲ ପରାମର୍ଶ ଦେଇଛନ୍ତି। ତେଲ କିଣାରେ ଗ୍ରାହକଙ୍କ ପାଇଁ କୌଣସି କଟକଣା ନଥିବା ଶ୍ରୀ ସିଲ କହିଛନ୍ତି।

**- V/O -**

## ନିଟ-ୟୁଜି

ସ୍ନାତକ ମେଡିକାଲ ପାଠ୍ୟକ୍ରମ ପାଇଁ ଆସନ୍ତା ଜୁନ୍ ୨୧ ତାରିଖରେ ନିଟ୍-ୟୁଜି-୨୦୨୬ ପୁନଃ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା ପ୍ରସ୍ତୁତି ନେଇ ଗତ ରାତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

## ବଦଳି

ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରଣାଳୟ କର୍ମଚାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଏ ନେଇ ଚିଠି ଲେଖିଛନ୍ତି । ୩ ବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର, ବରିଷ୍ଠ ଓ କନିଷ୍ଠ ରାଜସ୍ୱ ଅଧିକାରୀ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ପ୍ରମୁଖ କର୍ମଚାରୀଙ୍କ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସମସ୍ତ ଜିଲ୍ଲାପାଳଙ୍କୁ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ସ୍ଥାନାନ୍ତରଣ ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମହଙ୍ଗା ଭତ୍ତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି । ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏହାଦ୍ୱାରା ରାଜ୍ୟର ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ । ୨୦୨୬ ଜାନୁୟାରୀ ପହିଲାରୁ ପିଛିଲା ଭାବେ ଏହା ଲାଗୁ ହେବ । ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମଇ ମାସ ଦରମାରେ ମିଳିବ । ପେନ୍‌ସନ୍‌ଭୋଗୀମାନଙ୍କ ଟି.ଆଇ.ଭତ୍ତାରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି ।

## ମୁଖ୍ୟମନ୍ତ୍ରୀ ଜନଶୁଣାଣି

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଆସନ୍ତା ସୋମବାର ମଇ ୧୮ ତାରିଖ ଏବଂ ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଏସ୍.ଆଇ.ଆର୍.

ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ୍ କହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ୍ କହିଛନ୍ତି, ଜୁଲାଇ ମାସ ପହିଲାରୁ ଏସ୍ଆଇଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ୨୮ ଜୁନ୍ ପର୍ଯ୍ୟନ୍ତ ବୁଥ୍ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଜୁଲାଇ ମାସ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ସମାଧାନ ଏବଂ ସେପ୍ଟେମ୍ବର ମାସ ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ୍ଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ୍ ୩ କୋଟି ୧୬ ଲକ୍ଷ ୩ ହଜାର ୩୨୩ ଜଣ ଭୋଟରଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସ୍ଆଇଆର ତାଲିକା ସହ ମ୍ୟାପ୍ କରାଯାଇଛି। ଏସ୍ଆଇଆର ପାଇଁ ୪୫

ହଜାର ୨୫୫ ବୁଥ୍‌ସ୍ତରୀୟ ଅଧିକାରୀ ନିୟୋଜିତ ହେବେ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି.....

**- V/O –**

## ଅମିତ୍ ଶାହ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଗାଜିଆବାଦ କମଲାନେହେରୁ ନଗରସ୍ଥିତ ଏନ୍‌ଡିଆରଏଫ୍ ଅଷ୍ଟମ ବାଟାଲିୟନ୍ ମୁଖ୍ୟାଳୟରେ ଅନୁଷ୍ଠିତ ପରେଡ୍‌ରେ ଏନ୍‌ଡିଆରଏଫ୍‌କୁ 'ପ୍ରେସିଡେଣ୍ଟସ୍ କଲର ଆୱାର୍ଡ' ପ୍ରଦାନ କରିଛନ୍ତି । କଟକ ମୁଣ୍ଡୁଳିସ୍ଥିତ ଏନ୍‌ଡିଆରଏଫ୍ ତୃତୀୟ ବାଟାଲିୟନ୍ ବରିଷ୍ଠ କମାଣ୍ଡାଣ୍ଟ ନାଗେନ୍ଦ୍ର ଶର୍ମା ପରେଡ୍‌ର ନେତୃତ୍ୱ ନେଇଥିଲେ । ଏନ୍‌ଡିଆରଏଫ୍‌ର ୨୦ ବର୍ଷର ସଫଳ ଯାତ୍ରାକୁ ଶ୍ରୀ ଶାହା ପ୍ରଶଂସା କରିଥିଲେ ।

## ନୀଳ ଅର୍ଥନୀତି

ରାଜ୍ୟରେ ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରର ବିକାଶ ସଂକ୍ରାନ୍ତରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱରଠାରେ ଗତ ମାର୍ଚ୍ଚ ମାସ ୧୩ ଓ ୧୪ ତାରିଖରେ ଆୟୋଜିତ ନୀଳ ଅର୍ଥନୀତି ସମ୍ପର୍କିତ ବୈଶ୍ୱିକ ସମ୍ମିଳନୀର ସୁପାରିଶ୍‌ଗୁଡ଼ିକ ଆଧାରରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଛି । ରାଜ୍ୟରେ ଏକ ସମନ୍ୱିତ ନୀଳ ଅର୍ଥନୀତି ଗଠନ ଲକ୍ଷ୍ୟ ନେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ

ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନୀତ କରାଯାଇଛି। ସମନ୍ୱିତ ଯୋଜନା, ଭାଗିଦାରୀ ଧାର୍ଯ୍ୟ ଲକ୍ଷ୍ୟ ନେଇ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି।

ସେହିପରି ନୀଳ ଅର୍ଥନୀତି ପ୍ରୟାସର ନିରୀକ୍ଷଣ ଏବଂ ସମନ୍ୱୟ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ୍ ଗଠନ କରାଯିବ ବୋଲି ଜଣାପଡିଛି।

ବିଶେଷଜ୍ଞ ଗବେଷଣା ସଂସ୍ଥା ଏବଂ ବାୟୋ ଟେକ୍ନୋଲୋଜୀ ଉଦ୍ୟୋଗ ସଂଗଠନମାନଙ୍କୁ ନେଇ ଏକ ଟେକ୍ନିକାଲ ଆଡଭାଇଜରୀ ଗ୍ରୁପ୍ ଗଠନ କରାଯିବାକୁ ଆଲୋଚନା ହୋଇଛି। ବୈଠକରେ ଧାମରା, ପାରାଦ୍ୱୀପ, ଚାନ୍ଦିପୁର ଏବଂ ଅସ୍ତରଙ୍ଗରେ ମାଛଧରା ବନ୍ଦରର ଆଧୁନିକୀକରଣ, ଅତ୍ୟାଧୁନିକ ବଜାର ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

## ରଥଯାତ୍ରା-ରନ୍ଧା ଖାଦ୍ୟ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଖାଦ୍ୟର ମାନ ଯାଞ୍ଚ ହେବା ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଏ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ବୈଠକ ପରେ  ଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି, ଖାଦ୍ୟ ତଦାରଖ ଅଧିକାରୀଙ୍କ ଦ୍ୱାରା ଖାଦ୍ୟର ମାନ ଯାଞ୍ଚ ହେବ। ବର୍ଷା ସମ୍ଭାବନା ଥିବାରୁ ଖାଦ୍ୟ ବଣ୍ଟନ ବେଳେ ସତର୍କ ରହିବାକୁ ଜିଲ୍ଲାପାଳ

ପରାମର୍ଶ ଦେଇଛନ୍ତି। ରଥଯାତ୍ରା ଦିନ ଶ୍ରୀମନ୍ଦିରରୁ ମାର୍କେଟ ଛକଯାଏ ରନ୍ଧା ଖାଦ୍ୟା ବଣ୍ଟନ କରାଯିବ ନାହିଁ ବୋଲି ଶ୍ରୀ ପରିଡା ସୂଚନା ଦେଇଛନ୍ତି। ସେହିପରି ବାହୁଡାରେ ଗୁଣ୍ଡିଚା ମନ୍ଦିରରୁ ବଡ଼ଶଂଖଯାଏ ରନ୍ଧା ଖାଦ୍ୟ ବଣ୍ଟନ ହେବ ନାହିଁ ବୋଲି ଜଣାପଡିଛି।

ବୈଠକରେ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା, ଆଶୁ ଚିକିତ୍ସାକେନ୍ଦ୍ର ସ୍ଥାପନ, ପାନୀୟ ଜଳ ବଣ୍ଟନ, ଶାନ୍ତିଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା ଏବଂ ସୂଚନା ସେବା ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

## ପାନୀୟ ଜଳ ସମୀକ୍ଷା

ରାଜ୍ୟ ପଂଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଦୁଇଦିନିଆ ଯାଜପୁର ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ନାୟକ ଧାର୍ଯ୍ୟ ସମୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାର ସୁକିନ୍ଦା, ଦାନଗଦି, ବଡ଼ଚଣା, ଧର୍ମଶାଳା, କୋରେଇ ଏବଂ ଦଶରଥପୁର ଅଂଚଳରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା।

## ପରାମର୍ଶ ବୈଠକ

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାକୁ ନେଇ ଏକ ଗୋଷ୍ଠୀସ୍ତରୀୟ

ଅଂଶୀଦାରମାନଙ୍କ ସହିତ ଆଲୋଚନା ହୋଇଛି। ଅଂଶଗ୍ରହଣକାରୀମାନେ ମହିଳାବିରୋଧୀ ହିଂସା ଦୂର କରିବାରେ ଗୋଷ୍ଠୀସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

## ସମ୍ବର୍ଦ୍ଧିତ

**ନୟାଗଡ଼** ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ ଓ୍ୱାନ୍' ପାଇଥିବା ୫୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସାଂସଦ ସମ୍ବିତ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଭାରୋତ୍ତଳନ ଶିବିର

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ସହଯୋଗରେ ସାମାଗୁଡ଼ିଆସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଗ୍ରୀଷ୍ମକାଳୀନ ଭାରୋତ୍ତଳନ ଶିବିର ଆରମ୍ଭ ହୋଇଛି। ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୮ରୁ ୧୫ ବର୍ଷ ବୟସ୍କ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଏକମାସ ଧରି ଚାଲିବାକୁ ଥିବା ଶିବିର ପ୍ରତିଦିନ ଅପରାହ୍ଣ ୪ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀଙ୍କୁ ଭାରୋତ୍ତଳନର ପ୍ରାଥମିକ କୌଶଳ, ଶାରୀରିକ ସୁସ୍ଥତା ଏବଂ ନିୟମିତ ଅଭ୍ୟାସ ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯିବ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ସ୍ଥିତି ଅନୁକୂଳ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୬ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ କେରଳମ୍‌ରେ ପହଞ୍ଚିବାର ସମ୍ଭାବନା ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପାଇଁ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳରେ ପରିସ୍ଥିତି ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।